ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ ଘୋର୍ ନିଦ୍ରାଗସ୍ତ କରାଇଲେ, ଏବଂ ତାଙ୍କ ଶରିରରୁ ଖଣ୍ଡିଏ ପଞ୍ଜରାହାଡ଼ ଖଣ୍ଡିକ ଭାଙ୍ଗି ନେଲେ, ତଦ୍ଦ୍ୱାରା ସଦାପ୍ରଭୁ ଏକ ସ୍ତ୍ରୀ ନିର୍ମାଣ କରି ଆଦମଙ୍କ ନ୍‌କଟକୁ ଆଣିଲେ । ଯେପରି ଆଦମଙ୍କର ଠିକ୍ ଭାବରେ ଅନୁରୂପ ସହକାରିଣୀ ହେବାପାଇଁ ପରମେଶ୍ୱର ନାରୀଙ୍କୁ ନିର୍ମାଣ କଲେ ।



19

ଛଅଦିନ ମଧ୍ୟରେ ସଦାପ୍ରଭୁ ପରମେଶ୍ୱର ସବୁକିଛି ନିର୍ମାଣ କଲେ । ପୁଣି ପରମେଶ୍ୱର ସପ୍ତମ ଦିନକୁ ଆଶିର୍ବାଦ କରି ପବିତ୍ର କଲେ ଓ ବିଶ୍ରାମ ଦିବସ କଲେ । ସେହି ଏଦନ ଉଦ୍ୟାନରେ ଆଦମ ଏବଂ ହବାଙ୍କ ଜୀବନ ପରମେଶ୍ୱରଙ୍କ ଆଜ୍ଞାକାରି ଏବଂ ସୁଖମୟ ଥିଲା । ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ପ୍ରଭୁ ଥିଲେ । ଆଉ ପରମେଶ୍ୱର ସେମାନଙ୍କର ଦାତା ଏବଂ ବନ୍ଧୁ ଥିଲେ ।



20

# ଯେଉଁ ଅବସର ରେ ସଦାପ୍ରଭୁ ପରମେଶ୍ୱର ସବୁକଛି ନିର୍ମାଣ କଲେ



ଯେଉଁ ଅବସର ରେ ସଦାପ୍ରଭୁ ପରମେଶ୍ୱର
ସବୁକଛି ନିର୍ମାଣ କଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଲେଖକ Edward Hughes
ଦୃଷ୍ଟାନ୍ତ Byron Unger; Lazarus
ଅନୁବାଦକ Prasanta Bhuyan
ଉପ୍ଯୋଜକ Bob Davies; Tammy S.

 କାହାଣି ୬୦ ରୁ ୧

M1914.org

Bible for Children, PO Box 3, Winnipeg MB R3C 2G1 Canada

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

ଓଡ଼ିଆ Oriya

କିଏ ଆମ୍ଭମାନଙ୍କୁ ନିର୍ମାଣ କଲେ? ବାଇବଲ ସଦାପ୍ରଭୁଙ୍କର ବାକ୍ୟ କହେ, କି ପ୍ରକାର ଭାବରେ ମନୁଷ୍ୟର ଜାତି ଆରମ୍ଭ ହେଲା । ବହୁତ ପୂର୍ବେ ସଦାପ୍ରଭୁ ପ୍ରଥମ ମନୁଷ୍ୟକୁ ସୃଷ୍ଟି କଲେ ଓ ତାଙ୍କୁ ଆଦମ ନାମ ଦେଲେ,। ଅନନ୍ତର ସଦାପ୍ରଭୁ ଭୂମିର ଧୂଳିରୁ ଆଦମ କୁ ସୃଷ୍ଟି କଲେ ।



1

ସଦାପ୍ରଭୁ ଆଦମଙ୍କର ନାସିକା ରନ୍ଧ୍ରରେ ପ୍ରାଣବାୟୁ ଫୁଙ୍କ ଦେଲେ ତହିଁରେ ସେ ଜୀବିତ ହେଲେ । ସେ ଏକ ସୈନ୍ଦର୍ଯ୍ୟମୟ ଏଦନ ଉଦ୍ୟାନରେ ସେ ନିଜକୁ ଖୋଜି ପାଇଲେ ।



2

ସଦାପ୍ରଭୁ ପରମେଶ୍ୱର ଆଦମକୁ ସୃଷ୍ଟି କରିବା ପୂର୍ବରୁ ସଦାପ୍ରଭୁ ଏକ ସୌନ୍ଦର୍ଯ୍ୟଭରା ପୃଥିବିକୁ ନିର୍ମାଣ କଲେ ଯାହା ଅତି ଆଶ୍ଚର୍ଯ୍ୟ ଜନକ ବସ୍ତୁରେ ପରିପୂର୍ଣ୍ଣ ଥିଲା । ଗୋଟିଏ ପରେ ଗୋଟିଏ ସଦାପ୍ରଭୁ ପାହାଡ଼ମୟ ସ୍ଥାନ ଏବଂ ତୃଣମୟ ବୃକ୍ଷହିନ ଅଞ୍ଚଳ, ସୁଗନ୍ଧିତ ଫୁଲ ଏବଂ ଉଚ୍ଚତମ ବୃକ୍ଷ, ଉଜ୍ଜ୍ୱଳମୟ ପର ଦ୍ୱାରା ସଜ୍ଜିତ ପକ୍ଷୀ, ସର୍ବଦା ବ୍ୟସ୍ତ ରହୁଥିବା ମହୁମାଛି, ତିମିର ଗଡ଼ିବା ସ୍ଥାନ, ଆଉ ପିଚ୍ଛଳ ଗେଣ୍ଡା, ନିର୍ମାଣକଲେ ।



ବାସ୍ତବିକରେ ଯାହା ଅଛି ସବୁକିଛି
ସଦାପ୍ରଭୁ ପରମେଶ୍ୱର
ନିର୍ମାଣ କରିଛନ୍ତି ।

3

ଆଦ୍ୟରେ ସଦାପ୍ରଭୁ ପରମେଶ୍ୱର କିଛି ନିର୍ମାଣ କରିବା ପୂର୍ବରୁ ସେଠାରେ ପରମେଶ୍ୱରଙ୍କ ବ୍ୟତୀତ କିଛି ହିଁ ନ ଥିଲା । ଲୋକ, ଅବା କୌଣସି ସ୍ଥାନ କିମ୍ବା ବସ୍ତୁ ନଥିଲା । କିଛିନୁହେଁ । ଆଲୋକ କିମ୍ବା ଅନ୍ଧକାର ମଧ୍ୟ ନଥିଲା, ଉର୍ଦ୍ଧ୍ୱ କିମ୍ବା ନିମ୍ନ ନଥିଲା, ଗତକାଲି କିମ୍ବା ଆସନ୍ତାକାଲି ବି ନଥିଲା । ସେଠାରେ କେବଳ ସଦାପ୍ରଭୁ ପରମେଶ୍ୱର ଏକାକୀ ଥିଲେ ଯାହାଙ୍କର ଆରମ୍ଭ ନାହିଁ । ସେଠାରୁ ପରମେଶ୍ୱର ଆରମ୍ଭ କଲେ ।



ଆଦ୍ୟରେ ସଦାପ୍ରଭୁ
ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ
ସୃଷ୍ଟି କଲେ ।

4

ଆଉ ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା । ଆଉ ଗଭିର ଜଳ ଉପରେ ଅନ୍ଧକାର ଥିଲା । ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ । ଦୀପ୍ତି ହେଉ ।



5

ତହିଁରେ ଦୀପ୍ତି ହେଲା । ପରମେଶ୍ୱର ଦିପ୍ତିର ନାମ ଦିବସ ଏବଂ ଅନ୍ଧକାର ର ନାମ ରାତ୍ରୀ ଦେଲେ । ତହୁଁ ସଂନ୍ଧ୍ୟା ଓ ପ୍ରତଃକାଳ ହୋଇ ପ୍ରଥମ ଦିବସ ହେଲା ।



6

ଦ୍ୱିତୀୟ ଦିବସରେ, ସଦାପ୍ରଭୁ ପରମେଶ୍ୱର ମହାସାଗରରୁ ଜଳ ଆଣି ଆକାଶ ମଣ୍ଡଳର ଅଧଃସ୍ଥ ସମଗ୍ର ଜଳ ଏକ ସ୍ଥାନରେ ସଂଗ୍ରୁହିତ କଲେ ଏବଂ ଆକାଶ ତଳେ ହ୍ରଦ ଛୋଟବଡ଼ ସମୁଦ୍ର ନିର୍ମାଣ କଲେ । ତୃତୀୟ ଦିବସରେ ସଦାପ୍ରଭୁ ପରମେଶ୍ୱର କହିଲେ ସମଗ୍ର ସ୍ଥଳ ପ୍ରକାଶ ହେଉ, ତହିଁରେ ସେହିରୂପେ ହେଲା ।



7

ସଦାପ୍ରଭୁ ପରମେଶ୍ୱର ଆଜ୍ଞା ଦେଇ କହିଲେ, ପୃଥିବୀରେ ତୃଣ ଓ ସଜିବ ଶାକ ଓ ବୀଜ ସମ୍ବଳିତ ସ୍ୱଜାତି ଅନୁଯାୟୀ ଫଳପ୍ରାଦକ ଫଳ ବୃକ୍ଷ ପ୍ରକାଶିତ ହେଉ । ତହିଁରେ ତାହା ହେଲା । ତହିଁରେ ସଂନ୍ଧ୍ୟା ଓ ପ୍ରତଃକାଳ ହୋଇ ତୃତୀୟ ଦିବସ ହେଲା ।



8

ସଦାପ୍ରଭୁ ପରମେଶ୍ୱର ଦିବସକୁ କର୍ତ୍ତୃତ୍ୱ କରିବାକୁ ସୂର୍ଯ ଓ ରାତ୍ରିରେ କର୍ତ୍ତୃତ୍ୱ କରିବାକୁ ଚ଼ନ୍ଦ୍ର ଏବଂ ତାରାଗଣ ମିର୍ମାଣ କଲେ, ଯାହାକୁ କେହିବି ଗଣି ପରିବେ ନାହିଁ । ତହିଁରେ ସଂନ୍ଧ୍ୟା ଓ ପ୍ରାତଃକାଳ ହୋଇ ଚ଼ତୁର୍ଥ ଦିବସ ହେଲା ।



9

ଜଳ ବହୁଳ ଜଙ୍ଗମ ପ୍ରାଣି ଓ ଆକାଶ ମଣ୍ଡଳର ପକ୍ଷିଗଣ ନିର୍ମାଣ କରିବା ସଦାପ୍ରଭୁ ପରମେଶ୍ୱରଙ୍କ ତାଲିକାରେ ପରବର୍ତ୍ତୀ କାର୍ଯ ଥିଲା । ପଞ୍ଚମ ଦିବସରେ ସେ ବଡ଼ ଖଣ୍ଡା ମାଛ ଏବଂ କ୍ଷୁଦ୍ର ମାଛ ପ୍ରଭୃତି ଲମ୍ବା ଗୋଡ଼ଥିବା ଓଟପକ୍ଷି ମାନ, ଆଉ ଗୁଣୁ ଗୁଣୁ ଶବ୍ଦ କରିବା ଛୋଟ ପକ୍ଷି ଗୁଡ଼ିକ ନିର୍ମାଣ କଲେ ।



10

ସଦାପ୍ରଭୁ ପରମେଶ୍ୱର ପୃଥିବୀର ଜଳଧାରାକୁ ପରିପୂର୍ଣ୍ଣ କରିବାକୁ ସମସ୍ତ ପ୍ରକାର ମାଛ ନିର୍ମାଣ କଲେ । ଆଉ ସ୍ଥଳଭାଗ ସମୁଦ୍ରଭାଗ ଓ ଆକାଶମଣ୍ଡଳରେ ଉଡ଼ିବାକୁ ଅନେକ ପ୍ରକାର ପକ୍ଷୀ ଓ ମାଛମାନଙ୍କୁ ନିର୍ମାଣ କଲେ । ପୁଣି ସଂନ୍ଧ୍ୟା ଓ ପ୍ରତଃକାଳ ହୋଇ ପଞ୍ଚମ ଦିବସ ହେଲା ।



11

ତାହାପରେ, ସଦାପ୍ରଭୁ ପରମେଶ୍ୱର ପୁନର୍ବାର କହିଲେ । ସେ କହିଲେ, ପୃଥିବିରେ ସ୍ୱସ୍ୱଜାତି ପ୍ରାଣିବର୍ଗ ହେଉ । ପ୍ରତ୍ୟେକ ପ୍ରକାର ପଶୁ, କୀଟ ପତଙ୍ଗ, ସରିସୃପ ଜାତୀୟ ପ୍ରଣୀ ମାନଙ୍କର ସୃଷ୍ଟି ହେଲା । ସେହିସମୟରେ ପୃଥିବିକୁ ଦୋହଲାଇବା ହାତୀ ଏବଂ କାର୍ଯ ବ୍ୟସ୍ତ ବିଭର ରହୁଥିବା ଜୀବ ଗୁଡ଼ିକ ମଧ୍ୟ ବାସ କଲେ ।



12

ଚ଼ିଡ଼ାଇ ବିରକ୍ତ କରୁଥିବା ମାଙ୍କଡ଼, ଅବାଗିଆ କୁମ୍ଭିର ଗୁଡ଼ିକ ପୃଥିବିରେ ବାସ କଲେ । ଅସ୍ଥିର ଜିଆ ଆଉ ଉଦ୍ଧତଗୁଣ୍ଡୁଚିମୂଷା ଗୁଡ଼ିକ ମଧ୍ୟ ବାସ କଲେ । ଡେଙ୍ଗା ଜିରାଫ୍ ଓ ଘରେ ବାସ କରୁଥିବା ବିରାଡ଼ିମାନେ ବାସ କଲେ । ସମସ୍ତ ପ୍ରକାର ଜୀବଜନ୍ତୁ ସେହିଦିନରେ ସୃଷ୍ଟି ହେଲେ ।

ଆଉ ସଂନ୍ଧ୍ୟା ଏବଂ ପ୍ରତଃକାଳ ହୋଇ ଷଷ୍ଠ ଦିବସ ହେଲା ।



13

ସଦାପ୍ରଭୁ ପରମେଶ୍ୱର ଷଷ୍ଠ ଦିବସରେ ଏକ ଭିନ୍ନ ପ୍ରକାର କାର୍ଯ କଲେ, ଯାହାକି ସୁର୍ଣ୍ଣ ଭାବେ ସ୍ୱତନ୍ତ୍ର ଥିଲା । ବର୍ତ୍ତମାନ୍ ସମସ୍ତ କିଛି ମନୁଷ୍ୟ ନିମନ୍ତେ ପ୍ରସ୍ତୁତ ଥିଲା । ସେହି ଉଦ୍ୟାନରେ ଖାଦ୍ୟ ଥିଲା, ଆଦମକୁ ସେବା କରିବା ନିମନ୍ତେ ଜୀବଜନ୍ତୁ ଥିଲେ ।



14

ଏହି ଉତ୍ତାରେ ପରମେଶ୍ୱର କହିଲେ, । । ଆସ ଆମ୍ଭେ ଆପଣା ପ୍ରତିମୂର୍ତ୍ତି, ନିଜ ସାଦୃଶ୍ୟରେ ମନୁଷ୍ୟ ନିର୍ମାଣ କରୁ । ଆଉ ଏହି ପୃଥିବୀର ସବୁକିଛି ଉପରେ ପ୍ରଭୁ ହେବେ । ତହିଁରେ ପରମେଶ୍ୱର ଆପଣା ପ୍ରତିମୂର୍ତ୍ତୀରେ ମନୁଷ୍ୟକୁ ସୃଷ୍ଟି କଲେ । ଅନନ୍ତର ସଦାପ୍ରଭୁ ରମେଶ୍ୱରଙ୍କ ନିଜ ପ୍ରତିମୂର୍ତ୍ତୀରେ ସେ ତାଙ୍କୁ ସୃଷ୍ଟି କଲେ ...



15

ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ କଥା କହିଲେ । ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଖାଇପାର, ମାତ୍ର ସଦ୍ ସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଖାଇବ ନାହିଁ । ଯେହେତୁ ଯେଉଁଦିନ ବୃକ୍ଷରୁ ତାହା ଖାଇବ, ସେହିଦିନ ନିତାନ୍ତ ମରିବ ।



16

ପୁଣି ସଦାପ୍ରଭୁ ପରମେଶ୍ୱର କହିଲେ, । ମନୁଷ୍ୟ ଏକାକି ଥିବା ଭଲ ନୁହେଁ । ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣି ନିର୍ମାଣ କରିବା । ଆଉ ସଦାପ୍ରଭୁ ପରମେଶ୍ୱର ଭୂମିର ପଶୁଗଣ ଏବଂ ଖେଚର ପକ୍ଷୀଗଣ ଆଦମଙ୍କ ନିକଟକୁ ଆଣିଲେ ।



17

ଆଉ ଆଦମ ସେମାନଙ୍କର ନାମକରଣ କଲେ । ଏହି କାର୍ଯ୍ୟ ନିମନ୍ତେ ସେ ନିଶ୍ଚୟ ଚତୁରିକ ବ୍ୟକ୍ତି ହୋଇଥିବେ, ମାତ୍ର ମନୁଷ୍ୟ ନିମନ୍ତେ ତାହାର ଅନୁରୂପ ସହକାରିଣି ଦେଖାଗଲା ନାହିଁ ।



18